ମେଟ୍ରୋ ଖବର

# ଉଚ୍ଚ ଶିକ୍ଷା କ୍ଷେତ୍ରରେ ଫାକଲ୍ଟିଙ୍କ ଅଭାବ ରହିଛି-ପାଢ଼ୀ




କର୍ମଶାଳାରେ (ବାମରୁ) ପ୍ରଫେସର ସୁଭାଶିଷ ଦାସ, ଏନ୍.କେ. ସୁନ୍ଦରାୟ, ମଧୁସୂଦନ ପାଢ଼ୀ, ପ୍ରଫେସର ଡି.ପି. ରାୟ ଓ ପଦ୍ମଭୂଷଣ ଡଃ ତ୍ରିଲୋଚନ ପ୍ରଧାନ ମଞ୍ଚାସୀନ।

ଭୁବନେଶ୍ୱର: (ବ୍ୟୁରୋ)-ବିଶ୍ୱରେ ଉଚ୍ଚ ଶିକ୍ଷା କ୍ଷେତ୍ରର ଅଭିବୃଦ୍ଧି ପୂର୍ବବର୍ଷ ତୁଳନାରେ ୨୫ ପ୍ରତିଶତ ରହିଥିବା ବେଳେ ଭାରତରେ ଏହା ୧୨ ପ୍ରତିଶତ ରହିଛି। ରାଜ୍ୟରେ ବିଦ୍ୟାଳୟ ସ୍ତର ଶିକ୍ଷା ସ୍ଥିତି ବହୁତ ଖରାପ ରହିଛି। ସମ୍ପ୍ରତି କେନ୍ଦ୍ର ସରକାର ଉଚ୍ଚ ଶିକ୍ଷା କ୍ଷେତ୍ର ଉପରେ ଗୁରୁତ୍ୱ ଦେଉଛନ୍ତି। ୧୦ମ ପଞ୍ଚବାର୍ଷିକ ଯୋଜନାରେ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ଅନୁଦାନରେ ୯ଗୁଣ ବୃଦ୍ଧି କରିଛନ୍ତି। ହେଲେ ରାଜ୍ୟରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦକ୍ଷ ଫାକଲ୍ଟିଙ୍କ ଅଭାବ ରହିଥିବା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆଇବିସିଏସ୍ ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ ପକ୍ଷରୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଫାକଲ୍ଟିମାନଙ୍କ ଭୂମିକା ଶୀର୍ଷକ କର୍ମଶାଳାରେ ଯୋଗଦେଇ ଉଚ୍ଚଶିକ୍ଷା କମିଶନର ତଥା ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି। ସେ ଆହୁରିମଧ୍ୟ କହିଛନ୍ତି, ଫାକଲ୍ଟିମାନେ ସେମାନଙ୍କ ଦାୟିତ୍ୱ କ୍ଲାସରୁମ୍ ବ୍ୟତୀତ ରିସର୍ଚ୍ଚ, ପ୍ରୋଜେକ୍ଟ ଏବଂ

ନିଯୋଜନ କଲେ ସମାଜର ଉନ୍ନତି ଘଟିବ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଓୟୁଏଟିର ଭାଇସ୍ ଚାନ୍‌ସେଲର ପ୍ରଫେସର ଡି.ପି. ରାୟଙ୍କ ମତରେ ଦିନକୁ ଦିନ ରାଜ୍ୟରେ ଉଚ୍ଚ ଶିକ୍ଷାର ମାନରେ ହ୍ରାସ ଘଟୁଛି। ଏହା କେତେକାଂଶରେ ଛାତ୍ରଛାତ୍ରୀମାନଙ୍କ ଯୋଗୁ ହେଉଥିବା ବେଳେ କେତେକାଂଶରେ ଫାକଲ୍ଟିମାନଙ୍କ ଯୋଗୁ ହେଉଛି। ଫାକଲ୍ଟିମାନଙ୍କର ଶିକ୍ଷା ଦାନ ପ୍ରକ୍ରିୟାରେ ବିକାଶ ଘଟାଇବା ଆମର ପ୍ରଥମ ପଦକ୍ଷେପ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଚେୟାରମ୍ୟାନ୍ ଟାସ୍କ ଫୋର୍ସ (ଉଚ୍ଚ ଶିକ୍ଷା) ପଦ୍ମଭୂଷଣ ଡଃ ତ୍ରିଲୋଚନ ପ୍ରଧାନ କହିଲେ, ସମ୍ପ୍ରତି ଶିକ୍ଷା କ୍ଷେତ୍ର ଅଧିକ ଜଟିଳ ହୋଇଯାଇଛି। ଶିକ୍ଷକମାନେ ସମାଜ ନିମନ୍ତେ ଆଦର୍ଶ ହେବା ଆବଶ୍ୟକ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଏନ୍.କେ. ସୁନ୍ଦରାୟ ଓ ଆଇବିସିଏସ୍‌ର ଡିନ୍ ପ୍ରଫେସର ସୁଭାଶିଷ ଦାସ ପ୍ରମୁଖ ଯୋଗଦେଇ ଫାକଲ୍ଟିମାନଙ୍କ ଭୂମିକା